# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 30 March – 2026

## ଧାନମଣ୍ଡି

ରାଜ୍ୟରେ ଗତକାଲି ମଧ୍ୟାହ୍ନ ସୁଦ୍ଧା ଚାଷୀଙ୍କଠାରୁ ୭୬ ଲକ୍ଷ ୩୫ ହଜାର ୩୮ ଟନ୍ ଧାନ କ୍ରୟ କରାଯାଇଥିବା ସରକାର ସୂଚନା ଦେଇଛନ୍ତି । ମିଲର୍ସ ଏବଂ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ୧୮ ଲକ୍ଷ ୪୮ ହଜାର ୨୦୭ ଜଣ ଚାଷୀଙ୍କଠାରୁ ଧାନ କିଣାଯାଇଥିବା ବେଳେ ଏ ବାବଦରେ ୧୭ ହଜାର ୧୩୨ କୋଟି ୫୭ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । କ୍ୱିଣ୍ଟାଲ ପିଛା ଅତିରିକ୍ତ ସହାୟତା ୮ ଶହ ଟଙ୍କା ବାବଦରେ ଚାଷୀଙ୍କୁ ୫ ହଜାର ୨୮୬ କୋଟି ୫୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇ ସାରିଛି ବୋଲି ସରକାର ସୂଚନା ଦେଇଛନ୍ତି । ବରଗଡ଼ ଜିଲ୍ଲାରୁ ସର୍ବାଧିକ ୭ ଲକ୍ଷ ଅଣସ୍ତୁରୀ ହଜାର ୮୩୮କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି ।

## ଖଦୀମେଳା

ଗ୍ରାମୀଣ ଅର୍ଥନୀତିର ସମୃଦ୍ଧି ପାଇଁ ଖଦୀ ଓ ଗ୍ରାମୋଦ୍ୟୋଗ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି ବୋଲି ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଭୁବନେଶ୍ୱର ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟଠାରେ ଆୟୋଜିତ ୭ଦିନିଆ ଓଡ଼ିଶା ଖଦୀମେଳା ୨୦୨୬ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଖଦୀବସ୍ତ୍ରର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସପ୍ତାହରେ ଅନ୍ତତଃ ଗୋଟିଏ ଦିନ

ଖଦୀବସ୍ତ୍ର ପିନ୍ଧିବାକୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ବୁଣାକାର ଓ କାରିଗରଙ୍କ ମଧ୍ୟରେ ଇ-କମର୍ସ ଉପରେ ସଚେତନତା ଲକ୍ଷ୍ୟ ନେଇ ୫୦ଟି କାରିଗର ଓ ବୁଣାକାର ଗୋଷ୍ଠୀଙ୍କୁ ଓପନ୍ ନେଟଓ୍ୱର୍କ ଫର୍ ଡିଜିଟାଲ କମର୍ସ ପ୍ଲାଟଫର୍ମ ସହ ସଂଯୋଗ କରାଯାଇଛି ।

# ମାଓପ୍ରତିହତ-ଡିଜି

ରାଜ୍ୟରେ ମାଓ ପ୍ରତିହତ ପଦକ୍ଷେପରେ ଉଲ୍ଲେଖନୀୟ ସଫଳତା ମିଳିଛି ବୋଲି ପୋଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି । କନ୍ଧମାଳ ଜିଲ୍ଲାକୁ ଗତକାଲି ଦିନିକିଆ ଗସ୍ତରେ ଯାଇ ଶ୍ରୀ ଖୁରାନିଆ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ଖୁରାନିଆ ମାଓବାଦୀଙ୍କୁ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ।

**V/O**

ଦେଶକୁ ସଂପୂର୍ଣ୍ଣ ମାଓମୁକ୍ତ କରିବା ଲକ୍ଷ୍ୟନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ସମୟସୀମା ଆସନ୍ତାକାଲି ଶେଷ ହେଉଥିବା ବେଳେ ରାଜ୍ୟରେ ମାଓ ଦମନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି ।

# ଗାଡ଼ିଚାଳନା-ଜୋରିମାନା

ରାଜ୍ୟରେ ଦ୍ରୁତ ଗତିରେ ଗାଡ଼ି ଚାଳନା କ୍ଷେତ୍ରରେ ଜୋରିମାନା ଅର୍ଥରାଶି ବୃଦ୍ଧି କରିବାକୁ ପରିବହନ ବିଭାଗର ବିଧାନସଭା ଷ୍ଟାଣ୍ଡିଂ କମିଟି ସୁପାରିଶ୍ କରିଛି । ଦ୍ରୁତ ଗାଡ଼ି ଚାଳନା ଜନିତ ଦୁର୍ଘଟଣାକୁ ପ୍ରତିହତ କରିବା ଲକ୍ଷ୍ୟ

ନେଇ କମିଟି ଏହି ସୁପାରିଶ୍ କରିଥିବା ଜଣାପଡ଼ିଛି । ଦ୍ରୁତ ଗତି ଯାଞ୍ଚ ପାଇଁ ପରିବହନ ବିଭାଗ ପକ୍ଷରୁ ୩୭ଟି ଇଣ୍ଟରସେପ୍ଟର ଗାଡ଼ି ନିୟୋଜିତ ହୋଇଛି । ଦିଶା ଯୋଜନା ଅଧୀନରେ ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୮ଟି ପ୍ରମୁଖ ମାର୍ଗରେ ୬୮୮ କିଲୋମିଟର ସଡ଼କରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରିତ ଉପକରଣ ଲଗାଯାଇଛି । ଆଗାମୀ ଦିନରେ ଆଉ ୧ ହଜାର ୭ କିଲୋମିଟର ସଡ଼କପଥରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା ପରିବହନ ବିଭାଗ ସୂଚନା ଦେଇଛି ।

# ନନ୍ଦନକାନନ

ନନ୍ଦନକାନନରେ ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ୩ଟି ପ୍ରଜାତିର ୧୮ଟି ପଶୁପକ୍ଷୀ ପହଞ୍ଚିଛନ୍ତି ।  ଗୁଜରାଟସ୍ଥିତ ଜୁନାଗଡ଼ର ସକରାବାଦ ଚିଡ଼ିଆଖାନାରୁ ୨ହଳ କୁଞ୍ଚପକ୍ଷୀ, ୨ ହଳ କଲରାପତରିଆ ବାଘ, ୫ ହଳ ନାଲି ଜଙ୍ଗଲୀ କୁକୁଡ଼ା ଗତକାଲି ଅପରାହ୍ନରେ ନନ୍ଦନକାନନରେ ପହଞ୍ଚିଛନ୍ତି । ପଶୁପକ୍ଷୀଙ୍କର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ପାଇଁ ସଙ୍ଗରୋଧରେ ରଖାଯାଇଛି । ମାସକ ମଧ୍ୟରେ ସେମାନଙ୍କୁ ଖୁଆଡ଼ରେ ଛଡ଼ାଯିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି । ପ୍ରତିବଦଳରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ୩ଟି ପ୍ରଜାତିର ୭ଟି ପଶୁପକ୍ଷୀ ଜୁନାଗଡ଼ ଚିଡ଼ିଆଖାନାକୁ ପଠାଯାଇଛି ।

# ଉତ୍କଳଦିବସ

ଉତ୍କଳ ଦିବସ ପାଳନ ନେଇ ଭଦ୍ରକ ନେହେରୁ ଷ୍ଟାଡିୟମଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀର ସାମୂହିକ ଗାନ କରାଯିବ ବୋଲି ଗତକାଲି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଜନସାଧାରଣ ଯୋଗଦେବା ପାଇଁ ଓଡ଼ିଆଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅନୁରୋଧ କରିଛନ୍ତି ।

# ମହୋତ୍ସବ

ବ୍ରହ୍ମପୁରସ୍ଥିତ ଖଲ୍ଲୀକୋଟ ଏକକ ବିଶ୍ୱବିଦ୍ୟାଳୟରେ ଆସନ୍ତାମାସ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ସିଲ୍‌କ ସିଟି ମହୋତ୍ସବ ଅନୁଷ୍ଠିତ ହେବ । ବିଧାୟକ କେ. ଅନୀଲକୁମାରଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି । ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଓ ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ ପ୍ରମୁଖ ବୈଠକରେ ଯୋଗ ଦେଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱ ଦେଇଛନ୍ତି ।

# ଖେଲୋ ଇଣ୍ଡିଆ

ଛତିଶଗଡ଼ରେ ଚାଲିଥିବା ଖେଲୋଇଣ୍ଡିଆ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଆଜି ତୀର ଚାଳନା, ହକି ଏବଂ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜିଠାରୁ ଦୌଡ଼କୁଦ ପ୍ରତିଯୋଗିତା ଜଗଦଲପୁରଠାରେ ଆରମ୍ଭ ହେଉଛି । ଗତକାଲି ସୁଦ୍ଧା ପଦକ ତାଲିକାରେ କର୍ଣ୍ଣାଟକ ଶୀର୍ଷ ସ୍ଥାନରେ ଥିବାବେଳେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି । ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା ୩ ତାରିଖରେ ଶେଷ ହେବ।

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ଉତ୍ତର ଉପକୂଳ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଜି ବର୍ଷାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ  ବଜ୍ରପାତ ସହିତ ଝଡ଼ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି।

ଆଗାମୀ ଦୁଇ ଦିନ ମଧ୍ୟରେ ରାଜ୍ୟରେ ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ପରବର୍ତ୍ତୀ ସମୟରେ ତାପମାତ୍ରା ତିନି ଡିଗ୍ରୀ  ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।